Sankha Bhawan
Plot No. 798, Unit - VI
Bhubaneswar - 751001, Odisha

BJD

Ph : 0674-2393464, 2395979
email : bijujanatadal@gmail.com

# BIJU JANATA DAL

<u>ପ୍ରେସ୍ ବିଜ୍ଞପ୍ତି</u>

# ନିର୍ବାଚନ ଆସିଲେ ଚାଷୀଙ୍କୁ ନେଇ କୁମ୍ଭୀର କାନ୍ଦଣା ଓଡିଶା ବିଜେପିର ପୁରୁଣା ଅଭ୍ୟାସ: ବିଜେଡି

- **ପ୍ରଦୀପ ପୁରୋହିତ୍, ୨୦୨୪ ନିର୍ବାଚନ ହାରିବାକୁ ଯାଉଥିବାରୁ ପାଗଳର ପ୍ରଳାପ କରୁଛନ୍ତି**
- **ଚାଷୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣରେ କାହିଁକି ହୋଇଛନ୍ତି ବିଫଳ, ନିର୍ବାଚନ ବେଳେ କେନ୍ଦ୍ରରୁ ଆସୁଥିବା ପର୍ଯ୍ୟଟକ ନେତା ଉତ୍ତର ଦିଅନ୍ତୁ**

**ଭୁବନେଶ୍ୱର, ୨୭/୦୫/୨୦୨୪:** ପଦମପୁର ଉପନିର୍ବାଚନ ହାରିବା ପରେ ମାନସିକ ଭାରସାମ୍ୟ ହରାଇ ବସିଥିବା ଶ୍ରୀ ପ୍ରଦୀପ ପୁରୋହିତ୍, ୨୦୨୪ ନିର୍ବାଚନ ହାରିବାକୁ ଯାଉଥିବା ଜାଣି ପାଗଳର ପ୍ରଳାପ ଆରମ୍ଭ କରିଦେଇଛନ୍ତି। କିଛି ନେତା ଥାଆନ୍ତି, ଯେଉଁମାନେ ମୁହଁ ଖୋଲିଲେ କେବଳ ଅଶାଳୀନ ମନ୍ତବ୍ୟ, ଅଶୋଭନୀୟ ବକ୍ତବ୍ୟ ଓ କଦର୍ଯ୍ୟ କଥା କହିଥାନ୍ତି । ସେହିଭଳି ଜଣେ ନେତା ହେଉଛନ୍ତି ଶ୍ରୀ ପ୍ରଦୀପ ପୁରୋହିତ। ଚଳିତ ନିର୍ବାଚନରେ ସେ ନିଜର ଏବଂ ଓଡିଶା ବିଜେପିର ପରାଜୟକୁ ନେଇ ଅତ୍ୟନ୍ତ ଭୟଭୀତ ହୋଇ ପଡିଥିବା, ତାଙ୍କ ପ୍ରତିକ୍ରିୟାରୁ ସ୍ପଷ୍ଟ ଭାବେ ଜଣାପଡୁଥିଲା ବୋଲି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେଡି ମୁଖପାତ୍ର ଶ୍ରୀ ସ୍ୱୟଂପ୍ରକାଶ ମହାପାତ୍ର।

ଶ୍ରୀ ମହାପାତ୍ର କହିଛନ୍ତି, ବିଜେଡି ବିରୁଦ୍ଧରେ ଅଭିଯୋଗ ଆଣିବା ଆଗରୁ ଶ୍ରୀ ପୁରୋହିତଙ୍କ ନିକଟରେ ସାମାନ୍ୟତମ ଲଜ୍ଜା ରହିବାର ଆବଶ୍ୟକତା ରହୁଛି। ଓଡିଶା ହେଉଛି ଦେଶରେ ଏକମାତ୍ର ରାଜ୍ୟ ଯିଏ ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିଛି । ଗତ ୫ ବର୍ଷରେ ୬୪ ଲକ୍ଷରୁ ଅଧିକ ଚାଷୀଙ୍କୁ ୧୧ ହଜାର ୫୦୦ କୋଟି ଟଙ୍କା କାଳିଆ ସହାୟତା ପ୍ରଦାନ କରାଯାଇଛି । କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଏକ ପ୍ୟାକେଜ ଘୋଷଣା କରି କାର୍ଯ୍ୟକାରୀ ହୋଇଛି।

ଅପରପକ୍ଷରେ ଶ୍ରୀ ପ୍ରଦୀପ ପୁରୋହିତ୍ ହୁଅନ୍ତୁ କିମ୍ବା ଓଡିଶା ବିଜେପି, ଧାନର ଏମ୍ଏସ୍ପି ୨୯୩୦ ଟଙ୍କା କରିବାରେ ବିଫଳ ହୋଇଛନ୍ତି । ୨୦୧୭ ମସିହାରେ ଓଡିଶା ବିଧାନସଭାରେ ଏନେଇ ସର୍ବସମ୍ମତ କ୍ରମେ ସଂକଳ୍ପ ପାରିତ ହୋଇଥିଲା । ବର୍ଷ ବର୍ଷ ଧରି କେନ୍ଦୁପତ୍ର ଉପରେ ୧୮ ପ୍ରତିଶତ ଜିଏସଟି ଲାଗୁ ହୋଇଥିଲେ ମଧ୍ୟ ତାକୁ

ପ୍ରତ୍ୟାହାର କରିନାହାନ୍ତି। ଫସଲ ବୀମା ବାବଦ ଅର୍ଥ ଚାଷୀଙ୍କୁ ପ୍ରଦାନ କରାଯାଇନି କିମ୍ବା ଚାଷୀଙ୍କୁ ଠିକ୍ ସମୟରେ ସାର ମଧ୍ୟ ଯୋଗାଇ ପାରିନାହାନ୍ତି । ୨୦୨୨ ସୁଦ୍ଧା ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବାକୁ ପ୍ରତିଶ୍ରୁତି ଦେଇ ବିଫଳ ହୋଇଛନ୍ତି। ନିର୍ବାଚନ ସମୟରେ ଯେଉଁ କେନ୍ଦ୍ରୀୟ ନେତା ଓଡିଶାକୁ ପର୍ଯ୍ୟଟକ ନେତା ଭାବେ ଆସୁଛନ୍ତି, ସେମାନେ ଏସବୁ ବିଫଳତା ଉପରେ ଉତ୍ତର ରଖିବାର ଆବଶ୍ୟକତା ରହୁଛି।

ନିର୍ବାଚନ ଆସିଲେ ଚାଷୀଙ୍କ ପ୍ରସଙ୍ଗକୁ ନେଇ କୁମ୍ଭୀର କାନ୍ଦଣା କାନ୍ଦିବା ଓ ପରେ ସେମାନଙ୍କୁ ଭୁଲିଯିବା ପ୍ରଦୀପ ପୁରୋହିତ ଏବଂ ଓଡିଶା ବିଜେପି ନେତାଙ୍କ ପୁରୁଣା ଅଭ୍ୟାସ। ସେହି ସମାନ କାର୍ଯ୍ୟ ସେମାନେ ଏବେ କରୁଛନ୍ତି। ଓଡିଶାର ଚାଷୀ, ଓଡିଶା ବିଜେପିର ଏଭଳି କୁମ୍ଭୀର କାନ୍ଦଣାକୁ ବେଶ୍ ଭଲ ଭାବେ ଜାଣିଛନ୍ତି। ସେଥିପାଇଁ ବାରମ୍ବାର ଓଡିଶା ବିଜେପି ଏବଂ ପ୍ରଦୀପ ପୁରୋହିତଙ୍କୁ ପ୍ରତ୍ୟାଖିତ କରି ଆସୁଛନ୍ତି । ୨୦୨୪ରେ ମଧ୍ୟ ଚାଷୀ ଭାଇ ଏମାନଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

ଡଃ ପ୍ରିୟବ୍ରତ ମାଝୀ

**(ଡଃ ପ୍ରିୟବ୍ରତ ମାଝୀ)**

**ମୁଖପାତ୍ର, ବିଜୁ ଜନତା ଦଳ**